
Module-3
ଭାରତରେ ପ୍ରଚଳିତ
ଶାସନ ବ୍ୟବସ୍ଥା



Notes

# ୧୦

# କେନ୍ଦ୍ରୀୟ କାର୍ଯ୍ୟପାଳିକା

ଭାରତ ଗୋଟିଏ ଗଣତାନ୍ତ୍ରିକ ସାଧାରଣତନ୍ତ୍ର ଏବଂ ଏଠାରେ ସଂସଦୀୟ ଗଣତନ୍ତ୍ର ପ୍ରତିଷ୍ଠିତ ହୋଇଛି । କେନ୍ଦ୍ର ସ୍ତରରେ ପ୍ରତିଷ୍ଠିତ ସରକାରକୁ 'କେନ୍ଦ୍ର ସରକାର' ଏବଂ ରାଜ୍ୟସ୍ତରରେ ପ୍ରତିଷ୍ଠିତ ସରକାରକୁ 'ରାଜ୍ୟ ସରକାର' ବୋଲି କୁହାଯାଏ । କେନ୍ଦ୍ର ସରକାର ତିନୋଟି ଅନୁଷ୍ଠାନକୁ ନେଇ ଗଠିତ ଯଥା କାର୍ଯ୍ୟପାଳିକା, ସଂସଦ ଓ ବିଚାରାଳୟ । ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ତାଙ୍କଦ୍ୱାରା ଗଠିତ ମନ୍ତ୍ରୀପରିଷଦ କେନ୍ଦ୍ରୀୟ କାର୍ଯ୍ୟପାଳିକାର ଅଂଶ ।

ଏହି ଅଧ୍ୟାୟରେ କେନ୍ଦ୍ରୀୟ କାର୍ଯ୍ୟପାଳିକାର ଗଠନ ପ୍ରଣାଳୀ ଏବଂ ଏହାର କାର୍ଯ୍ୟାବଳୀ ସମ୍ବନ୍ଧରେ ଜାଣି ପାରିବ ।

## ଉଦ୍ଦେଶ୍ୟ :

ଏହି ଅଧ୍ୟାୟ ପଠନ ପରେ ତୁମେ –

୧। ସଂସଦୀୟ ଗଣତନ୍ତ୍ରରେ ନାମକୁ ମାତ୍ର କାର୍ଯ୍ୟପାଳିକା ଓ ବାସ୍ତବ କାର୍ଯ୍ୟପାଳିକା ମଧ୍ୟରେ ପ୍ରଭେଦ ଜାଣିପାରିବ ।

୨। ଭାରତ ଏକ ସାଧାରଣତନ୍ତ୍ର ଏବଂ ଏହାର ରାଷ୍ଟ୍ରମୁଖ୍ୟ ନିର୍ବାଚିତ ବୋଲି ଜାଣିପାରିବ ।

୩. ଭାରତର ରାଷ୍ଟ୍ରପତିଙ୍କର ଆବଶ୍ୟକ ଯୋଗ୍ୟତା ଓ ନିର୍ବାଚନ ପ୍ରଣାଳୀ ବର୍ଣ୍ଣନା କରିପାରିବ ।

୪. ରାଷ୍ଟ୍ରପତିଙ୍କର କାର୍ଯ୍ୟପାଳିକା, ସଂସଦୀୟ ଓ ବିଚାରଗତ କ୍ଷମତା ବୁଝାଇବାରେ ସମର୍ଥ ହେବ ।

୫. ରାଷ୍ଟ୍ରପତିଙ୍କ ସାଂବିଧାନିକ ସ୍ଥିତି ଜାଣିପାରିବ ।

୬. ଭାରତର ରାଜନୈତିକ ବ୍ୟବସ୍ଥାରେ ଉପରାଷ୍ଟ୍ରପତିଙ୍କ ଭୂମିକା ବର୍ଣ୍ଣନା କରିପାରିବ ।

୭. ପ୍ରଧାନମନ୍ତ୍ରୀଙ୍କ ନିଯୁକ୍ତି ପ୍ରଣାଳୀ ଓ କିପରି ତାଙ୍କ ମନ୍ତ୍ରୀ ପରିଷଦ ଗଠିତ ହୁଏ ତାହା ଜାଣିପାରିବ ।

୮. ପ୍ରଧାନମନ୍ତ୍ରୀଙ୍କ କ୍ଷମତା ଓ କାର୍ଯ୍ୟାବଳୀ ଏବଂ ତାଙ୍କ ମନ୍ତ୍ରୀ ପରିଷଦର ସଭ୍ୟମାନଙ୍କ କାର୍ଯ୍ୟାବଳୀ ବୁଝାଇ ପାରିବ ।

୯. ବ୍ୟକ୍ତିଗତ ଓ ମିଳିତ ଦାୟିତ୍ୱର ଅର୍ଥ ଓ ଏହାର ପ୍ରଭାବ ବିଶ୍ଳେଷଣ କରିପାରିବ ।

## ୧୦.୧ ରାଷ୍ଟ୍ରପତି

ଆମେ ବର୍ତ୍ତମାନ ଜାଣି ସାରିଲେଣି ଯେ ଭାରତ ଗୋଟିଏ ସାର୍ବଭୌମ ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରାଷ୍ଟ୍ର । ଭାରତର ରାଷ୍ଟ୍ରପତି ଆମର ରାଷ୍ଟ୍ରମୁଖ୍ୟ ଏବଂ ସେ ପରୋକ୍ଷ ଭାବରେ ନିର୍ବାଚିତ ।

**ଯୋଗ୍ୟତା :** ରାଷ୍ଟ୍ରପତି ହେବାପାଇଁ ଜଣେ ବ୍ୟକ୍ତିଙ୍କର ନିମ୍ନୋକ୍ତ ଯୋଗ୍ୟତା ଥିବା ଆବଶ୍ୟକ ।

(i) ନିଶ୍ଚିତ ଭାବରେ ଭାରତୀୟ ନାଗରିକ ହୋଇଥିବେ ।

(ii) ତାଙ୍କର ବୟସ ଅତି କମ୍‌ରେ ୩୫ବର୍ଷ ହୋଇଥିବ ।

(iii) ଲୋକ ସଭାକୁ ନିର୍ବାଚିତ ହେବାପାଇଁ ତାଙ୍କର ଯୋଗ୍ୟତା ଥିବ ।

(iv) ସେ କୌଣସି ଲାଭଜନକ ପଦବୀରେ ନଥିବେ । ସେ ସରକାରୀ କର୍ମଚାରୀ ହୋଇନଥିବେ । କିନ୍ତୁ ଯଦି ସେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ରାଜ୍ୟପାଳ କିମ୍ବା କେନ୍ଦ୍ରସରକାରରେ ବା ରାଜ୍ୟସରକାରରେ ମନ୍ତ୍ରୀ ଥିବେ ତେବେ ତାହା ଲାଭଜନକ ପଦବୀ ଭାବରେ ବିଚାର କରାଯିବ ନାହିଁ ।

ରାଷ୍ଟ୍ରପତି ଏକା ସଙ୍ଗେ ସଂସଦ ବା କୌଣସି ବିଧାନ ସଭାର ସଭ୍ୟ ହୋଇପାରିବେ ନାହିଁ । ଯଦି କୌଣସି ବ୍ୟକ୍ତି ସଂସଦ ବା ରାଜ୍ୟବିଧାନସଭାର ସଭ୍ୟଥାଇ ରାଷ୍ଟ୍ରପତି ଭାବରେ ନିର୍ବାଚିତ ହୁଅନ୍ତି ତେବେ ଧରିନିଆଯିବ ଯେ ସେ ଯେଉଁଦିନ ରାଷ୍ଟ୍ରପତି ପଦବୀ ଗ୍ରହଣ କରିବେ ସେଇଦିନଠାରୁ ତାଙ୍କର ସେହି ସଭ୍ୟ ପଦ ରଦ୍ଦ ହେଲା ।

## ୧୦.୧.୧ ନିର୍ବାଚନ ପ୍ରଣାଳୀ :

ରାଷ୍ଟ୍ରପତି ଏକ ନିର୍ବାଚନ ମଣ୍ଡଳ ଦ୍ୱାରା ନିର୍ବାଚିତ ହୋଇଥାନ୍ତି, ଯାହାକି ରାଜ୍ୟସଭା ଓ ଲୋକସଭାର ନିର୍ବାଚିତ ପ୍ରତିନିଧି ଓ ସମସ୍ତ ରାଜ୍ୟ ବିଧାନସଭାର ସଭ୍ୟମାନଙ୍କ ଦ୍ୱାରା ଗଠିତ ହୋଇଥାଏ । ସଂସଦର ମନୋନୀତ ସଭ୍ୟ ଓ ରାଜ୍ୟର ବିଧାନପରିଷଦର ସଭ୍ୟମାନେ ଏହି ନିର୍ବାଚନ ମଣ୍ଡଳୀର ସଭ୍ୟ ନୁହନ୍ତି । ରାଷ୍ଟ୍ରପତିଙ୍କ ନିର୍ବାଚନ ଏକକ ହସ୍ତାନ୍ତରିତ ତଥା ସମାନୁପାତିକ ଭୋଟ ପ୍ରଥାରେ ଅନୁଷ୍ଠିତ ହୋଇଥାଏ । ନିର୍ବାଚନ ଗୁପ୍ତ ଭୋଟ ଦ୍ୱାରା ଅନୁଷ୍ଠିତ ହୋଇଥାଏ ।

ସଂବିଧାନର ପ୍ରଣେତାମାନେ ସଂସଦର ସଭ୍ୟମାନଙ୍କ ଦ୍ୱାରା ପ୍ରଦତ୍ତ ଭୋଟ ଓ ସମସ୍ତ ରାଜ୍ୟ ବିଧାନ ସଭାର ସଦସ୍ୟମାନଙ୍କ ପ୍ରଦତ୍ତ ଭୋଟ ମଧ୍ୟରେ ଯେତେଦୂର ସମ୍ଭବ ସମାନତା ରକ୍ଷା କରିବାପାଇଁ ବ୍ୟବସ୍ଥା କରିଛନ୍ତି । ତେଣୁ ସମ୍ବିଧାନର ପ୍ରଣେତାମାନେ ଏହି ସମାନତା ରକ୍ଷା କରିବା ପାଇଁ ଏକ ପଦ୍ଧତି ସୃଷ୍ଟି କରିଛନ୍ତି ।

ଗୋଟିଏ ରାଜ୍ୟର ବିଧାନ ସଭାର ସଭ୍ୟମାନଙ୍କର ଭୋଟର ମୂଲ୍ୟ ନିମ୍ନଲିଖିତ ଗାଣିତିକ ସୂତ୍ର ଅନୁସାରେ ନିର୍ଦ୍ଧାରିତ ହୋଇଥାଏ ।

$$\frac{\text{ରାଜ୍ୟର ସମୁଦାୟ ଲୋକସଂଖ୍ୟା}}{\text{ବିଧାନ ସଭାକୁ ନିର୍ବାଚିତ ସଂଭ୍ୟଙ୍କ ସଂଖ୍ୟା}} \div \text{୧୦୦୦}$$

ସରଳ ଅର୍ଥରେ ଗୋଟିଏ ରାଜ୍ୟର ଲୋକସଂଖ୍ୟାକୁ ବିଧାନ ସଭାକୁ ନିର୍ବାଚିତ ସଭ୍ୟସଂଖ୍ୟା ଦ୍ୱାରା ବିଭାଜନ କରି ଫଳାଫଳକୁ ୧୦୦୦ଦ୍ୱାରା ବିଭାଜିତ କରାଯାଏ ।

**ଉଦାହରଣ :-** ଧରିନିଅ ପଞ୍ଜାବର ଲୋକସଂଖ୍ୟା ୧,୩୫,୫୧୦୬୦ ଏବଂ ପଞ୍ଜାବର ବିଧାନ ସଭାର ସଭ୍ୟ ସଂଖ୍ୟା ୧୦୪ । ତେଣୁ ପ୍ରତି ସଭ୍ୟ ଯେଉଁ ଭୋଟ ଦେବେ ତାର ମୂଲ୍ୟ ହେବ —

$$\frac{\text{୧,୩୫,୫୧୦୬୦}}{\text{୧୦୪}} \div \text{୧୦୦୦} = \text{୧୩୦.୨୬} = \text{୧୩୦}$$



Notes

(କାରଣ ବିଭାଜନରେ ଯେଉଁ .୨୯ ଅବଶେଷ ରହିଲା ତାହା ୧ର ୫୦% ରୁ କମ୍ ହୋଇଥିବାରୁ ଏହା ବାଦ୍ ଦିଆଯିବ ।)

ସଂସଦର ସଭ୍ୟମାନଙ୍କ ଭୋଟର ମୂଲ୍ୟ ନିର୍ଦ୍ଧାରଣ କରିବା ପାଇଁ ସମସ୍ତ ରାଜ୍ୟ ବିଧାନ ସଭା ସଭ୍ୟମାନଙ୍କର ସମୁଦାୟ ଭୋଟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀ ଓ ପଣ୍ଡିଚେରୀର ସଭ୍ୟ ମାନଙ୍କ ଭୋଟ ସଂଖ୍ୟାକୁ ମିଶାଇ ଫଳାଫଳକୁ ଲୋକସଭାର ନିର୍ବାଚିତ ସଭ୍ୟଙ୍କ ମିଳିତ ସଂଖ୍ୟା ଦ୍ୱାରା ବିଭାଜିତ କରାଯାଇଥାଏ ।

**ଉଦାହରଣ : –** ଧରିନିଅ ସମସ୍ତ ରାଜ୍ୟର ବିଧାନସଭା ସଭ୍ୟଙ୍କ ଭୋଟ ସଂଖ୍ୟା ୫,୪୪,୯୭୧ ହେଲା ଓ ସଂସଦର ସମୁଦାୟ ନିର୍ବାଚିତ ପ୍ରତିନିଧିଙ୍କ ସଂଖ୍ୟା ୭୭୬ । ତେଣୁ ସଂସଦର ପ୍ରତ୍ୟେକ ସଦସ୍ୟଙ୍କ ଭୋଟର ପରିମାଣ ହେବ —

$$\frac{୫,୪୪୯୭୧}{୭୭୬} = ୭୦୨.୨୮ = ୭୦୨$$

ଉଭୟ ସ୍ତରରେ ଗଣନାବେଳେ ଯଦି ଭାଗଫଳରେ ଅବିଭାଜିତ ଅଂଶ ବିଭାଜକର ୫୦%ରୁ କମ୍ ହୁଏ ତାହା ଗ୍ରହଣ କରାଯାଏ ନାହିଁ । କିନ୍ତୁ ଯଦି ଅବଶିଷ୍ଟ ଅଂଶ ୫୦%ରୁ ଅଧିକ ହୁଏ ତେବେ ଫଳାଫଳରେ ୧ ଯୋଗ କରାଯାଏ ।

## ଏକକ ହସ୍ତାନ୍ତରୀତ ଭୋଟ ପଦ୍ଧତି :

ରାଷ୍ଟ୍ରପତିଙ୍କର ନିର୍ବାଚନ ସମାନୁପାତିକ ପ୍ରତିନିଧିତ୍ୱ ପଦ୍ଧତିରେ ଏକକ ହସ୍ତାନ୍ତରୀତ ଭୋଟ ପ୍ରଥା ଅନୁସାରେ ଅନୁଷ୍ଠିତ ହୋଇଥାଏ । ଏହି ପଦ୍ଧତି ଅନୁସାରେ ସମସ୍ତ ପ୍ରତିଦ୍ୱନ୍ଦୀଙ୍କ ନାମ ଭୋଟ କାଗଜରେ ଲିପିବଦ୍ଧ ହୋଇଥାଏ ଏବଂ ପ୍ରତ୍ୟେକ ଭୋଟର ତାଙ୍କ ପସନ୍ଦ ଅନୁସାରେ ପ୍ରାର୍ଥୀଙ୍କ ନାମ ବିପକ୍ଷରେ ନିଜର ଅଗ୍ରାଧିକାର ଅନୁସାରେ ସଂଖ୍ୟା ଉଲ୍ଲେଖ କରନ୍ତି । ଅଗ୍ରାଧିକାର ସଂଖ୍ୟା ଯେତେ ଜଣ ପ୍ରାର୍ଥୀ ଥିବେ ସେହି ଅନୁସାରେ କରାଯାଇଥାଏ । ଏହି ହିସାବରେ ଜଣେ ଭୋଟର ଯେଉଁ ବ୍ୟକ୍ତିଙ୍କୁ ନିଜର ପ୍ରଥମ ପସନ୍ଦ ବୋଲି ବିବେଚିତ କରନ୍ତି ତାଙ୍କ ନାମ ବିଷୟରେ '୧' ଲେଖିଥାନ୍ତି । ସେହିପରି ଅନ୍ୟମାନଙ୍କ ବିଷୟରେ ୨,୩,୪ ହିସାବରେ ପ୍ରସ୍ତାବ ଦେଇଥାଆନ୍ତି । ଭୋଟ କାଗଜରେ ଯଦି ପ୍ରଥମ ପସନ୍ଦ ଏକାଧିକ ପ୍ରାର୍ଥୀଙ୍କ ପକ୍ଷରେ ଦିଆଯାଇଥାଏ ବା ପ୍ରଥମ ପସନ୍ଦ କାହା ନାମ ପକ୍ଷରେ ଦିଆ ନ ଯାଇଥାଏ ତେବେ ସେହି ଭୋଟଟି ନାକଚ୍ ହୋଇଯାଏ ।

## ଭୋଟ ଗଣତି ଓ ଫଳାଫଳ ପ୍ରକାଶନ :

ରାଜ୍ୟବିଧାନ ସଭା ସଦସ୍ୟମାନେ ନିଜ ନିଜ ରାଜ୍ୟର ରାଜଧାନୀରେ ଭୋଟ ପ୍ରଦାନ କରିଥାଆନ୍ତି ଓ ସଂସଦର ସଭ୍ୟମାନେ ଦିଲ୍ଲୀରେ ନିଜର ଭୋଟ ପ୍ରଦାନ କରିଥାଆନ୍ତି । ଭୋଟ ଗଣତି ନୂଆ ଦିଲ୍ଲୀରେ ହୋଇଥାଏ । ପ୍ରଥମେ ପ୍ରତ୍ୟେକ ପ୍ରାର୍ଥୀଙ୍କ ପ୍ରଥମ ପସନ୍ଦର ସଂଖ୍ୟା ନିରୁପଣ କରାଯାଏ । ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପାଇଁ ଜଣେ ପ୍ରାର୍ଥୀଙ୍କୁ ସମୁଦାୟ ବୈଧ ଭୋଟ ସଂଖ୍ୟାର ୫୦%ରୁ ଅଧିକ ଭୋଟ ପାଇବା ଆବଶ୍ୟକ । ଏହା ହେଉଛି ନିର୍ବାଚିତ ହେବା ପାଇଁ ଆବଶ୍ୟକ ନିର୍ଣ୍ଣାୟକ ସଂଖ୍ୟା । ଏହି ନିର୍ଣ୍ଣାଙ୍କ ନିର୍ଦ୍ଧାରଣ କରିବା ପାଇଁ ପ୍ରଦାନ କରାଯାଇଥିବା ସମସ୍ତ ଭୋଟର ମିଳିତ ସଂଖ୍ୟାକୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ସଂଖ୍ୟା ଦ୍ୱାରା ବିଭାଜନ କରି ଭାଗଫଳ ସହ ୧ ଯୋଗ କରାଯାଇ ନିର୍ଦ୍ଧାରୀତ କରାଯାଇଥାଏ । ଏଠାରେ ଯେହେତୁ ଏକମାତ୍ର ରାଷ୍ଟ୍ରପତି ନିର୍ବାଚିତ ହେବାର ଥାଏ ତେଣୁ ୧ + ୧ ଦ୍ୱାରା ବିଭାଜନ କରାଯାଇଥାଏ ଓ ଫଳାଫଳ ସହ ୧ ଯୋଗକରି ସଂଖ୍ୟାକୁ ୫୦%ରୁ ଉର୍ଦ୍ଧ୍ୱ କରାଯାଇଥାଏ ।



Notes



**ଆବଶ୍ୟକ ସଂଖ୍ୟା :**

$$\frac{\text{ପ୍ରଦାନ କରାଯାଇଥିବା ସମସ୍ତ ଭୋଟର ସଂଖ୍ୟା}}{୧+୧} + ୧$$

ପ୍ରଥମ ଗଣିତ ବେଳେ କେବଳ ପ୍ରଥମ ପସନ୍ଦଗୁଡ଼ିକ ଗଣନା କରାଯାଇଥାଏ । ଯଦି କୌଣସି ପ୍ରାର୍ଥୀ ଆବଶ୍ୟକ ନିର୍ଣ୍ଣାୟକ ସଂଖ୍ୟା ପ୍ରାପ୍ତି କରନ୍ତି, ତାଙ୍କୁ ନିର୍ବାଚିତ ଘୋଷଣା କରାଯାଏ । ଯଦି କୌଣସି ପ୍ରାର୍ଥୀ ଏହି ନିର୍ଣ୍ଣାୟଙ୍କ ପ୍ରାପ୍ତି କରନ୍ତି ନାହିଁ ତେବେ ଯେଉଁ ପ୍ରାର୍ଥୀ ପ୍ରଥମ ପସନ୍ଦର ସର୍ବନିମ୍ନରେ ଥାଆନ୍ତି ତାଙ୍କ ଭୋଟ କାଗଜରେ ଥିବା ୨ୟ ପସନ୍ଦଗୁଡ଼ିକୁ ଅନ୍ୟ ପ୍ରାର୍ଥୀଙ୍କ ଭୋଟ ସଂଖ୍ୟାରେ ଯୋଗ କରାଯାଏ । ଯେଉଁ ପ୍ରାର୍ଥୀ ପ୍ରଥମ ପସନ୍ଦରେ ସର୍ବନିମ୍ନରେ ଥାଆନ୍ତି ତାଙ୍କ ନାମ ପ୍ରତିଦ୍ୱନ୍ଦ୍ୱିତାରୁ ବାଦ ଦିଆଯାଏ । ଯଦି ୨ୟ ପସନ୍ଦଗୁଡ଼ିକ ଯୋଗ କରିବା ପରେ କୌଣସି ପ୍ରାର୍ଥୀ ଆବଶ୍ୟକ ନିର୍ଣ୍ଣାୟକ ଭୋଟ ପ୍ରାପ୍ତି କରନ୍ତି ତେବେ ତାଙ୍କୁ ନିର୍ବାଚିତ ଘୋଷିତ କରାଯାଏ । ଯଦି କୌଣସି ପ୍ରାର୍ଥୀ ଏହାପରେ ବି ନିର୍ଣାୟକ ସଂଖ୍ୟାପ୍ରାପ୍ତି କରି ପାରନ୍ତି ନାହିଁ ତେବେ ଏପରି ସ୍ଥଳରେ ସର୍ବନିମ୍ନ ଭୋଟ ପାଇଥିବା ପ୍ରାର୍ଥୀଙ୍କ ଭୋଟ ତାଙ୍କ ଭୋଟରେ ଉଦ୍ଦିଷ୍ଟ ଅନ୍ୟ ପ୍ରାର୍ଥୀମାନଙ୍କ ପାଖକୁ ସ୍ଥାନାନ୍ତରୀତ କରାଯାଏ । ଏହି ପ୍ରକ୍ରିୟା ସେତେବେଳ ପର୍ଯ୍ୟନ୍ତ ଚାଲେ ଯେତେବେଳ ପର୍ଯ୍ୟନ୍ତ କୌଣସି ପ୍ରାର୍ଥୀ ନିର୍ଦ୍ଧାରୀତ ନିର୍ଣ୍ଣାୟଙ୍କ ପ୍ରାପ୍ତି କରନ୍ତି ନାହିଁ । ବର୍ତ୍ତମାନ ନିମ୍ନରେ ପ୍ରଦତ୍ତ ଉଦାହରଣ ଦ୍ୱାରା ଆମେ ଏହା ବୁଝିପାରିବା । ଧରିନିଅ ସମୁଦାୟ ବୈଧ ଭୋଟର ସଂଖ୍ୟା ୨୦,୦୦୦ ଏବଂ ଚାରିଜଣ ପ୍ରତିଦ୍ୱନ୍ଦ୍ୱୀ ଯଥା କ, ଖ, ଗ, ଘ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।

ଏଠାରେ ନିର୍ଣ୍ଣାୟକ ଭୋଟ ସଂଖ୍ୟା ହେବ —

$$\frac{୨୦,୦୦୦}{୧+୧} + ୧ = ୧୦୦୦୧$$

ଧରାଯାଉ ଯେ ଚାରିଜଣ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପ୍ରଥମ ପସନ୍ଦ ଭୋଟ ନିମ୍ନଲିଖିତ ସଂଖ୍ୟାରେ ମିଳିଛି ।

କ – ୯୦୦୦

ଖ – ୨୦୦୦

ଗ –୪୦୦୦

ଘ – ୫୦୦୦


ଯେହେତୁ କୌଣସି ପ୍ରାର୍ଥୀ ନିର୍ଣ୍ଣାୟକ ସଂଖ୍ୟା ୧୦୦୦୧ ପାଇ ନାହାନ୍ତି ତେଣୁ 'ଖ' ସବୁଠାରୁ କମ୍‌ଭୋଟ ପାଇଥିବାରୁ ପ୍ରତିଯୋଗିତାରୁ ବାଦ୍ ପଡ଼ିବେ ଓ ତାଙ୍କ ଭୋଟ ଅନ୍ୟମାନଙ୍କୁ ହସ୍ତାନ୍ତରିତ ହେବ ।

ଧରି ନିଆଯାଉ ଭୋଟ ହସ୍ତାନ୍ତର ହେବାପରେ 'କ' ୧୧୦୦, 'ଗ' ୫୦୦ ଓ 'ଘ' ୪୦୦ ଅଧିକ ଭୋଟ ପାଇଲେ ତେବେ ବର୍ତ୍ତମାନ ପ୍ରତିଯୋଗିତାରେ ରହିଥିବା ପ୍ରତିଦ୍ୱନ୍ଦ୍ୱିଙ୍କ ଭୋଟ ସଂଖ୍ୟାର ସ୍ଥିତି ନିମ୍ନ ଭାବରେ ହେବ ।

'କ' = ୯୦୦୦ + ୧୧୦୦ = ୧୦୧୦୦

'ଗ' = ୪୦୦୦ + ୫୦୦ = ୪୫୦୦

'ଘ' = ୫୦୦୦ + ୪୦୦ = ୫୪୦୦



Notes

ଯେହେତୁ 'କ' ନିର୍ଣ୍ଣାୟକ ସଂଖ୍ୟା ହାସଲ କରିଛନ୍ତି ତାଙ୍କୁ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେଲେ ବୋଲି ଧରାଯିବ ।

ରାଷ୍ଟ୍ରପତି ଭାବରେ ନିର୍ବାଚିତ ବ୍ୟକ୍ତି ନିଜ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ପଦବୀ ସମ୍ବନ୍ଧୀୟ ଶପଥ ଉଚ୍ଚତମ ନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କ ସମ୍ମୁଖରେ ପାଠ କରିଥାଆନ୍ତି ।

### ବିଷୟ ଭି⃞କ ପ୍ରଶ୍ନାବଳୀ ୧୦.୧

**ନିମ୍ନୋକ୍ତ ପ୍ରଶ୍ନ ଗୁଡ଼ିକରେ ଦିଆଯାଇଥିବା ବିକଳ୍ପ ଗୁଡ଼ିକ ମଧ୍ୟରୁ ଠିକ୍ ଉତ୍ତର ପକ୍ଷରେ (✓) ଚିହ୍ନ ପ୍ରଦାନ କର ।**

୧। ରାଷ୍ଟ୍ରପତି ହେବାପାଇଁ ଆବଶ୍ୟକ ସର୍ବନିମ୍ନ ବୟସ ସୀମା—

(କ) ୨୧ବର୍ଷ

(ଖ) ୨୫ବର୍ଷ

(ଗ) ୩୦ବର୍ଷ

(ଘ) ୩୫ବର୍ଷ

୨। ରାଷ୍ଟ୍ରପତି ହେବାପାଇଁ ପ୍ରତିଯୋଗିତା କରୁଥିବା ବ୍ୟକ୍ତିଙ୍କର କେଉଁ ସଭ୍ୟପଦ ପାଇଁ ଯୋଗ୍ୟତା ଥିବ ।

(କ) ଲୋକସଭା

(ଖ) ରାଜ୍ୟସଭା

(ଗ) ବିଧାନ ସଭା

(ଘ) ଜିଲ୍ଲାପରିଷଦ

୩। କେଉଁ କକ୍ଷର ସଭ୍ୟମାନେ ରାଷ୍ଟ୍ରପତି ନିର୍ବାଚନ ମଣ୍ଡଳୀର ସଦସ୍ୟ ନୁହନ୍ତି —

(କ) ରାଜ୍ୟସଭା

(ଖ) ବିଧାନସଭା

(ଗ) ବିଧାନ ପରିଷଦ

(ଘ) ଲୋକସଭା

## ୧୦.୨ ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳ ଓ ବହିଷ୍କାର

ରାଷ୍ଟ୍ରପତି ପାଞ୍ଚବର୍ଷ ପାଇଁ ନିର୍ବାଚିତ ହୁଅନ୍ତି ଓ ପୁନର୍ବାର ପ୍ରତିଦ୍ୱନ୍ଦ୍ୱିତା କରିପାରିବେ । ଯଦିଓ ଏକ ପ୍ରଥା ଅନୁସାରେ କୌଣସି ବ୍ୟକ୍ତି ତୃତୀୟଥର ପାଇଁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରନ୍ତି ନାହିଁ । ଭାରତର ପ୍ରଥମ ରାଷ୍ଟ୍ରପତି ଡ଼. ରାଜେନ୍ଦ୍ର ପ୍ରସାଦ ଦୁଇଥର ନିର୍ବାଚିତ ହୋଇଥିଲେ । କୌଣସି ରାଷ୍ଟ୍ରପତି ନିଜ ପଦବିରୁ ଇସ୍ତଫା ଦେଇ ପାରିବେ ବା ଜଣେ ରାଷ୍ଟ୍ରପତିଙ୍କ ମୃତ୍ୟୁ ଯୋଗୁ ରାଷ୍ଟ୍ରପତି ପଦବୀ ଖାଲି ପଡ଼ିପାରେ । ରାଷ୍ଟ୍ରପତି ଯେଉଁଦିନଠାରୁ ଶପଥ ଗ୍ରହଣ କରନ୍ତି ସେହିଦିନଠାରୁ ତାଙ୍କ କାର୍ଯ୍ୟକାଳ ଆରମ୍ଭ ହୁଏ ।



Notes

### ୧୦.୨.୧ ବିଶେଷ ସୁବିଧା ଓ ଛାଡ଼

ଭାରତର ରାଷ୍ଟ୍ରପତି କେତେଗୁଡ଼ିଏ ସୁବିଧା ଓ ଛାଡ଼ ଉପଭୋଗ କରନ୍ତି, ଯାହାକି ନିମ୍ନରେ ପ୍ରଦତ୍ତ ହେଲା ।

୧। ରାଷ୍ଟ୍ରପତି ତାଙ୍କ ଦାୟିତ୍ୱ ନିର୍ବାହ ପାଇଁ କୌଣସି ବିଚାରାଳୟ ପାଖରେ ଉ□ ରଦାୟୀ ନୁହନ୍ତି ।

୨। ରାଷ୍ଟ୍ରପତିଙ୍କୁ ତାଙ୍କ ରହଣିକାଳରେ ଗିରଫ୍ କରାଯାଇ ପାରିବ ନାହିଁ କିମ୍ବା କୌଣସି ଫୌଜଦାରୀ ଅପରାଧ ପାଇଁ ତାଙ୍କ ବିରୁଦ୍ଧରେ କୌଣସି ବିଚାରାଳୟରେ କାର୍ଯ୍ୟାନୁଷ୍ଠାନ କରାଯାଇ ପାରିବ ନାହିଁ ।

୩। ରାଷ୍ଟ୍ରପତିଙ୍କ ରହଣିକାଳରେ ତାଙ୍କୁ କୌଣସି ବିଚାରାଳୟରେ ହାଜର୍ ହେବାପାଇଁ ଆଦେଶ ଦିଆଯାଇ ପାରିବ ନାହିଁ ।

୪। ତାଙ୍କ ବିରୁଦ୍ଧରେ କୌଣସି ଦେବାନୀ ମକଦ୍ଦମା ଦାୟର ହେବା ପୂର୍ବରୁ ତାଙ୍କୁ ଦୁଇମାସ ପୂର୍ବରୁ ଜଣାଇ ଦିଆଯିବ ।

### ୧୦.୨.୨ ରାଷ୍ଟ୍ରପତିଙ୍କର ବହିଷ୍କାର

ରାଷ୍ଟ୍ରପତିଙ୍କୁ ମହାଭିଯୋଗ ପ୍ରସ୍ତାବ ମାଧ୍ୟମରେ ବହିଷ୍କାର କରାଯାଇ ପାରିବ । ଆମ ସମ୍ବିଧାନରେ ରାଷ୍ଟ୍ରପତିଙ୍କ ବହିଷ୍କାର ବିସ୍ତୃତ ବ୍ୟବସ୍ଥା କରାଯାଇଛି । ସେ କେବଳ 'ସମ୍ବିଧାନ ଭଙ୍ଗ' ପାଇଁ ବହିଷ୍କୃତ ହୋଇପାରିବେ । ବହିଷ୍କାର ପ୍ରଣାଳୀକୁ ଜାଣିଶୁଣି ଅତି କଠିନ କରାଯାଇଛି, ଯାହାଦ୍ୱାରା କୌଣସି ରାଷ୍ଟ୍ରପତି ଅବାଞ୍ଛିତ କାରଣରୁ ବହିଷ୍କୃତ ହେବେ ନାହିଁ ।


ରାଷ୍ଟ୍ରପତିଙ୍କୁ ବହିଷ୍କାର କରିବା ପାଇଁ ସଂସଦର ଯେ କୌଣସି କକ୍ଷରେ ପ୍ରସ୍ତାବ ଆଗତ କରାଯାଇପାରିବ ।

ଏପରି ପ୍ରସ୍ତାବ ଅଣାଯାଇପାରିବ ଯେତେବେଳେ ପ୍ରସ୍ତାବ ଆଗତ କରାଯାଉଥିବା କକ୍ଷର ସମୁଦାୟ ସଭ୍ୟ ସଂଖ୍ୟାର ଏକଚତୁର୍ଥାଂଶ ସଭ୍ୟ ଏହି ପ୍ରସ୍ତାବକୁ ସମର୍ଥନ ଜଣାଇବେ ।ରାଷ୍ଟ୍ରପତିଙ୍କ ବିରୁଦ୍ଧରେ ସଂବିଧାନ ଭଙ୍ଗ କରିଥିବା ଅଭିଯୋଗକୁ ସେହି କକ୍ଷର ସଂଖ୍ୟାଗରିଷ୍ଠ ସଭ୍ୟ, ଯାହାକି ସେହି କକ୍ଷର ସମୁଦାୟ ସଭ୍ୟ ସଂଖ୍ୟାର ଦୁଇ-ତୃତୀୟାଂଶ ସଭ୍ୟଙ୍କ ସମର୍ଥନ ଆବଶ୍ୟକ । ଏହାପରେ ପ୍ରସ୍ତାବକୁ ଅନ୍ୟକକ୍ଷକୁ ବିଚାର କରାଯିବାପାଇଁ ପଠାଯାଏ ।

ଦ୍ୱିତୀୟ କକ୍ଷରେ ରାଷ୍ଟ୍ରପତିଙ୍କ ବିରୁଦ୍ଧରେ କରାଯାଇଥିବା ଅଭିଯୋଗକୁ ଅନୁଧ୍ୟାନ କରାଯାଏ । ଯେତେବେଳେ ସେହି କକ୍ଷରେ ଅନୁସଂଧାନ ଆରମ୍ଭ ହୁଏ ସେତେବେଳେ ରାଷ୍ଟ୍ରପତି ସେଠାରେ ଉପସ୍ଥିତ ରହି ନିଜ ପକ୍ଷରେ ମତ ପ୍ରଦାନ କରିପାରିବେ । ରାଷ୍ଟ୍ରପତି ନିଜେ ବା ତାଙ୍କ ଦ୍ୱାରା ନିଯୁକ୍ତ ଆଇନଜୀବୀଙ୍କ ଦ୍ୱାରା ନିଜକୁ ରକ୍ଷା କରିବାପାଇଁ ଚେଷ୍ଟା କରିପାରିବେ । ଯଦି ଏହାପରେ ତାଙ୍କ ବିରୁଦ୍ଧରେ ହୋଇଥିବା ଅଭିଯୋଗ ଗୁଡ଼ିକ ଦ୍ୱିତୀୟ କକ୍ଷରେ ସମୁଦାୟ ସଭ୍ୟ ସଂଖ୍ୟାର ଦୁଇତୃତୀୟାଂଶ ସଭ୍ୟଙ୍କ ସମର୍ଥନ ଲାଭକରେ ତେବେ ରାଷ୍ଟ୍ରପତିଙ୍କୁ ବହିଷ୍କାର କରିବା ପ୍ରସ୍ତାବ ଲାଭକରେ ତେବେ ରାଷ୍ଟ୍ରପତିଙ୍କୁ ବହିଷ୍କାର କରିବା ପ୍ରସ୍ତାବ ସଫଳ ହୁଏ । ଏହାଫଳରେ ପ୍ରସ୍ତାବ ପାଶ୍ ହେବା ଦିନଠାରୁ ରାଷ୍ଟ୍ରପତି ନିଜ ପଦବୀରୁ ବହିଷ୍କୃତ ହୁଅନ୍ତି ।

ଆମ ଦେଶର ବହିଷ୍କାର ବ୍ୟବସ୍ଥା ଆମେରିକାର ବ୍ୟବସ୍ଥା ଠାରୁ ଅଧିକ କଠିନ । କାରଣ ଆମେରିକାରେ ନିମ୍ନକକ୍ଷ 'ପ୍ରତିନିଧିସଭା' ରେ ଏପରି ପ୍ରସ୍ତାବ କେବଳ କକ୍ଷର ସଂଖ୍ୟାଗରିଷ୍ଠ ସଭ୍ୟଙ୍କ ସମର୍ଥନରେ ପାଶ୍ ହୋଇ ଆରମ୍ଭ ହୋଇଥାଏ ।

ମହାଭିଯୋଗ : - **ମହାଭିଯୋଗ ପ୍ରସ୍ତାବ ଅପାତତଃ ଏକ ବିଚାରଗତ ବ୍ୟବସ୍ଥା ଯାହାକି ଉଚ୍ଚ ପଦବୀରେ ଅଧିଷ୍ଠିତ ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ । ଯେପରିକି ଭାରତର ରାଷ୍ଟ୍ରପତି, ସଂବିଧାନ ଭଙ୍ଗ କଲେ ବହିଷ୍କୃତ ହୋଇପାରିବେ ।**



### ୧୦.୨.୩ ରାଷ୍ଟ୍ରପତି ପଦବୀ କିପରି ଖାଲିହୁଏ

ଯେତେବେଳେ ରାଷ୍ଟ୍ରପତି ପଦବୀ ମୃତ୍ୟୁ, ଇସ୍ତଫା ବା ମହାଭିଯୋଗ ଯୋଗୁ ଖାଲିପଡ଼େ । ସେତେବେଳେ ଭାରତର ଉପରାଷ୍ଟ୍ରପତି ସେହି ପଦବୀରେ ଅତିବେଶୀରେ ଛଅମାସ ପାଇଁ ଅଧିଷ୍ଠିତ ହୁଅନ୍ତି । କାରଣ ଏପରି ପରିସ୍ଥିତିରେ ଛଅମାସ ମଧ୍ୟରେ ନୂତନ ରାଷ୍ଟ୍ରପତିଙ୍କ ନିର୍ବାଚନ କରିବାର ବ୍ୟବସ୍ଥା ଆମ ସମ୍ବିଧାନରେ କରାଯାଇଛି । ନୂତନ ରାଷ୍ଟ୍ରପତି ପାଞ୍ଚବର୍ଷ ପାଇଁ କ୍ଷମତାରେ ରୁହନ୍ତି ।

ଯେତେବେଳେ ରାଷ୍ଟ୍ରପତି ଫକିରୁଦ୍ଦିନ୍ ଅଲ୍ଲୀ ଅହମଦ୍ ୧୯୭୭ମସିହାରେ ମୃତ୍ୟୁବରଣ କଲେ ସେତେବେଳେ ଉପରାଷ୍ଟ୍ରପତି ବି. ଡ଼ି. ଜଟ୍ଟି ତାଙ୍କ ସ୍ଥାନରେ ଦାୟିତ୍ୱ ଗ୍ରହଣ କରିଥିଲେ ଓ ସଂଜୀବ ରେଡ୍ଡି ଛଅମାସ ମଧ୍ୟରେ ନୂତନ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ ।

ଯେତେବେଳେ ରାଷ୍ଟ୍ରପତି ପଦବୀ ଖାଲିପଡ଼େ ଏବଂ ଉପରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ପାଇଁ ଉପସ୍ଥିତ ନଥାଆନ୍ତି ବା ଉପରାଷ୍ଟ୍ରପତି ଯିଏ କି ରାଷ୍ଟ୍ରପତି ପଦବୀ ଗ୍ରହଣ କରିଥିଲେ ତାଙ୍କର ଛଅମାସ ପୂର୍ବରୁ ମୃତ୍ୟୁ ବରଣ କରନ୍ତି ବା ଇସ୍ତଫା ଦିଅନ୍ତି, ତେବେ ଭାରତର ଉଚ୍ଚତମ ନ୍ୟାୟଳୟର ମୁଖ୍ୟ ବିଚାରପତି ନୂତନ ରାଷ୍ଟ୍ରପତି ନିର୍ବାଚିତ ହେବା ପର୍ଯ୍ୟନ୍ତ ରାଷ୍ଟ୍ରପତି ପଦବୀରେ ଅଧିଷ୍ଠିତ ହୁଅନ୍ତି । ଏହି ବ୍ୟବସ୍ଥା ୧୯୬୯ମସିହାର ସଂସଦଦ୍ୱାରା ସୃଷ୍ଟି କରାଯାଇଥିଲା । ଯାହାଦ୍ୱାରା ମୂଖ୍ୟ ବିଚାରପତି ହିଦୟାତୁଲ୍ଲା ରାଷ୍ଟ୍ରପତି ଜାକିରହୁସେନଙ୍କ ମୃତ୍ୟୁ କାରଣରୁ ରାଷ୍ଟ୍ରପତି ନିଯୁକ୍ତ ହୋଇଥିଲେ । କାରଣ ସେତେବେଳେ ଉପରାଷ୍ଟ୍ରପତି ଭି.ଭି.ଗିରି ଇସ୍ତାଫା ଦେଇଥିଲେ ।

ଯଦି ଜଣେ ରାଷ୍ଟ୍ରପତି ସାମୟିକ ଭାବରେ ଅସୁସ୍ଥତା ବା ଅନ୍ୟକାରଣରୁ ନିଜ ଦାୟିତ୍ୱ ନିର୍ବାହ କରି ପାରନ୍ତି ନାହିଁ ତେବେ ଉପରାଷ୍ଟ୍ରପତି ରାଷ୍ଟ୍ରପତି ପଦବୀରେ ଅଧିଷ୍ଠିତ ନ ହୋଇ ତାଙ୍କ କାର୍ଯ୍ୟ ନିର୍ବାହ କରିଥାଆନ୍ତି ।

### ବିଷୟ ଭି଼ିକ ପ୍ରଶ୍ନାବଳୀ ୧୦.୨

**ନିମ୍ନରେ ଦିଆଯାଇଥିବା ପ୍ରଶ୍ନର ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତର ସପକ୍ଷରେ (✓) ଚିହ୍ନ ପ୍ରଦାନ କର ।**

୧। ଭାରତର ରାଷ୍ଟ୍ରପତି କେତେ ସମୟ ପାଇଁ ନିର୍ବାଚିତ ହୁଅନ୍ତି ?

(କ) ତିନିବର୍ଷ

(ଖ) ଚାରିବର୍ଷ

(ଗ) ପାଞ୍ଚବର୍ଷ

(ଘ) ଛଅବର୍ଷ

୨। ରାଷ୍ଟ୍ରପତିଙ୍କ ବିରୁଦ୍ଧରେ ମହାଭିଯୋଗ ପ୍ରସ୍ତାବ କେଉଁଠି ଆଗତ କରାଯାଇପାରିବ ?

(କ) ଲୋକସଭା

(ଖ) ରାଜ୍ୟସଭା

(ଗ) ବିଧାନ ସଭା

(ଘ) ସଂସଦର ଯେ କୌଣସି କକ୍ଷରେ





୩। ଯେତେବେଳେ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ଉଭୟ ଉପସ୍ଥିତ ନ ଥାଆନ୍ତି ସେତେବେଳେ କିଏ ରାଷ୍ଟ୍ରପତି ଭାବରେ କାର୍ଯ୍ୟ କରନ୍ତି ?

(କ) ପ୍ରଧାନମନ୍ତ୍ରୀ

(ଖ) ଭାରତର ଉଚ୍ଚତମ ନ୍ୟାୟାଳୟର ମୁଖ୍ୟ ବିଚାରପତି

(ଗ) ମୁଖ୍ୟ ନିର୍ବାଚନ କମିଶନ୍‌ର

(ଘ) ଲୋକସଭାର ବାଚସ୍ପତି

---

## ୧୦.୩ ରାଷ୍ଟ୍ରପତିଙ୍କ କ୍ଷମତା

ସମ୍ବିଧାନ ରାଷ୍ଟ୍ରପତିଙ୍କ ଉପରେ ବହୁ କ୍ଷମତା ନ୍ୟସ୍ତ କରିଛି । ବିସ୍ତୃତ ଭାବରେ ରାଷ୍ଟ୍ରପତିଙ୍କର ଏହି କ୍ଷମତାକୁ କାର୍ଯ୍ୟପାଳିକା ସଂସଦୀୟ, ଅର୍ଥଗତ ଓ ବିଚାରଗତ କ୍ଷମତା ଭାବରେ ବଣ୍ଟନ କରାଯାଇଛି । ତାଙ୍କର ସଂକଟ ଜନୀତ କ୍ଷମତା ଅଧ୍ୟାୟ ୯ରେ ଆଲୋଚିତ ହୋଇଛି ।

### ୧୦. ୩.୧ କାର୍ଯ୍ୟପାଳିକା କ୍ଷମତା

ରାଷ୍ଟ୍ରପତି ଆମ ରାଷ୍ଟ୍ରର ମୁଖ୍ୟ ଓ କେନ୍ଦ୍ରର କାର୍ଯ୍ୟପାଳିକା କ୍ଷମତା ତାଙ୍କ ଉପରେ ନ୍ୟସ୍ତ ହୋଇଛି । ରାଷ୍ଟ୍ରପତି ଏହିକ୍ଷମତା ଗୁଡ଼ିକ ସିଧାସଳଖ ନିଜେ କାର୍ଯ୍ୟକାରୀ କରିପାରିବେ କିମ୍ବା ତାଙ୍କ ଅଧସ୍ତନ କର୍ମଚାରୀମାନଙ୍କ ଦ୍ୱାରା କାର୍ଯ୍ୟ କରିପାରିବେ ଯେପରିକି ପ୍ରଧାନମନ୍ତ୍ରୀ ଓ ମନ୍ତ୍ରୀ ପରିଷଦର ମନ୍ତ୍ରୀମାନଙ୍କ ମାଧ୍ୟମରେ । ତାଙ୍କ କାର୍ଯ୍ୟପାଳିକା କ୍ଷମତା ନିମ୍ନରେ ପ୍ରଦତ୍ତ ହେଲା :

| |
|---|
| ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀଙ୍କୁ ନିଯୁକ୍ତି ଦିଅନ୍ତି ଓ ତାଙ୍କ ପରାମର୍ଶରେ ଅନ୍ୟ ମନ୍ତ୍ରୀମାନଙ୍କୁ ନିଯୁକ୍ତି ଦେଇଥାଆନ୍ତି । ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ ଅନୁସାରେ ବିଭିନ୍ନ ମନ୍ତ୍ରୀଙ୍କ ମଧ୍ୟରେ ବିଭାଗ ବଣ୍ଟନ କରନ୍ତି । ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀଙ୍କ ପରାମର୍ଶରେ ଯେ କୌଣସି ମନ୍ତ୍ରୀଙ୍କୁ କ୍ଷମତାଚ୍ୟୁତ କରିପାରିବେ । |

ରାଷ୍ଟ୍ରପତି ଉଚ୍ଚତମ ନ୍ୟାୟାଳୟର ମୁଖ୍ୟ ବିଚାରପତି ଏବଂ ବିଚାରପତି ଓ ଉଚ୍ଚନ୍ୟାୟାଳୟ ମାନଙ୍କର ବିଚାରପତିମାନଙ୍କୁ ନିଯୁକ୍ତି ଦିଅନ୍ତି । ଅବଶ୍ୟ ବିଚାରପତି ନିଯୁକ୍ତିବେଳେ ଉଚ୍ଚତମ ନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କ ପରାମର୍ଶ ନେଇଥାଆନ୍ତି । ଏହାଛଡ଼ା ରାଷ୍ଟ୍ରପତି ନିଜ ଆବଶ୍ୟକତା ଅନୁସାରେ ଉଚ୍ଚତମ ନ୍ୟାୟାଳୟର ଅନ୍ୟ ବିଚାରପତିଙ୍କ ପରାମର୍ଶ ନେଇ ପାରିବେ । ରାଷ୍ଟ୍ରପତି ଯେତେବେଳେ କୌଣସି ରାଜ୍ୟର ଉଚ୍ଚନ୍ୟାୟାଳୟର ମୁଖ୍ୟ ବିଚାରପତି ବା ବିଚାରପତିମାନଙ୍କୁ ନିଯୁକ୍ତି ଦିଅନ୍ତି ସେତେବେଳେ ସେହି ରାଜ୍ୟର ରାଜ୍ୟପାଳଙ୍କ ମତାମତ ଲୋଡ଼ିଥାଆନ୍ତି । ଉଚ୍ଚ ନ୍ୟାୟାଳୟର ବିଚାରପତିମାନଙ୍କ ନିଯୁକ୍ତିବେଳେ ସେହି ଉଚ୍ଚନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କ ମତାମତ ମାଗିଥାଆନ୍ତି । କିନ୍ତୁ ୧୯୯୩ମସିହାରେ ଉଚ୍ଚତମ ନ୍ୟାୟାଳୟର ନିଷ୍ପତ୍ତି ଯାହାକି ୧୯୯୯ମସିହାରେ ପୁନଃ ବ୍ୟାଖ୍ୟା କରାଯାଇଥିଲା । (ଅଧ୍ୟାୟ ୧୨ରେ ବର୍ଣ୍ଣିତ) ସେହି ଅନୁସାରେ ରାଷ୍ଟ୍ରପତି ଉଚ୍ଚତମ ନ୍ୟାୟାଳୟର ବରିଷ୍ଠ ବିଚାରପତିମାନଙ୍କ ଦ୍ୱାରା ଗଠିତ ପରାମର୍ଶ ଦଳର ନିଷ୍ପତ୍ତି ଅନୁସାରେ ସମସ୍ତ ବିଚାରଗତ ନିଯୁକ୍ତି ଦେବାକୁ ବାଧ୍ୟ । ଏହି ପରାମର୍ଶଦଳ ଉଚ୍ଚତମ ନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କ ନେତୃତ୍ୱରେ ଗଠିତ ହୋଇଥାଏ ଓ ଏହା ଉଚ୍ଚତମ ନ୍ୟାୟାଳୟର ବିରିଷ୍ଠ ବିଚାରପତିମାନଙ୍କର ପରାମର୍ଶଗତ ଏକ ଅନୁଷ୍ଠାନ । ରାଷ୍ଟ୍ରପତି ଭାରତର ମୁଖ୍ୟ ଆଇନ୍ ପରାମର୍ଶ ଦାତା (Attorney General) ମହା ହିସାବ ରକ୍ଷକ ଓ ମହାସମୀକ୍ଷକ (Comptroller Auditor



Notes

General), ମୁଖ୍ୟ ନିର୍ବାଚନ ଆୟୋଗ ଓ ଅନ୍ୟ ନିର୍ବାଚନ ଆୟୋଗ, ସଂଘୀୟ ଲୋକ ସେବା ଆୟୋଗର ଅଧକ୍ଷ ଓ ଅନ୍ୟାନ୍ୟ ସଭ୍ୟମାନଙ୍କୁ ନିଯୁକ୍ତି ପ୍ରଦାନ କରନ୍ତି । ରାଷ୍ଟ୍ରପତି ରାଜ୍ୟମାନଙ୍କର ରାଜ୍ୟପାଳ ଓ କେନ୍ଦ୍ରଶାସିତ ଅଞ୍ଚଳର ଲେଫ୍‌ଟେନାଣ୍ଟ ଗଭର୍ଣ୍ଣର ମାନଙ୍କୁ ନିଯୁକ୍ତି ଦିଅନ୍ତି । ଏ ସମସ୍ତ ନିଯୁକ୍ତି ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଗଠିତ କେନ୍ଦ୍ରୀୟ ମନ୍ତ୍ରୀମଣ୍ଡଳର ପରାମର୍ଶରେ କରାଯାଇଥାଏ ।

ରାଷ୍ଟ୍ରପତି ଆମ ସେନାବାହିନୀର ମୁଖ୍ୟ ସେନାପତି । ସେହି ଅନୁସାରେ ରାଷ୍ଟ୍ରପତି ଆମ ଦେଶର ପଦାତିକ, ଜଳବାହିନୀ ଓ ବାୟୁସେନାର ମୁଖ୍ୟ ମାନଙ୍କୁ ନିଯୁକ୍ତି ଦିଅନ୍ତି । ରାଷ୍ଟ୍ରପତି ଯୁଦ୍ଧ ଘୋଷଣା କରିପାରିବେ ବା ସନ୍ଧି ସ୍ଥାପନ କରିପାରିବେ । ସେ ରାଷ୍ଟ୍ରମୁଖ୍ୟ ହିସାବରେ ରାଷ୍ଟ୍ରର ବୈଦେଶିକ ନୀତି ପରିଚାଳନା କରନ୍ତି । ରାଷ୍ଟ୍ରପତି ବିଭିନ୍ନ ଦେଶରେ ଭାରତର ରାଷ୍ଟ୍ରଦୂତ ଓ ହାଇକମିଶନର ମାନଙ୍କୁ ନିଯୁକ୍ତି କରନ୍ତି ଓ ସମସ୍ତ କୁଟନୈତିକ କାର୍ଯ୍ୟ ତାଙ୍କ ନାମରେ ପରିଚାଳିତ ହୁଏ । (ବୈଦେଶୀକ ଅନୁଷ୍ଠାନ ଓ ଭାରତର ବିଦେଶରେ ଅବସ୍ଥାପିତ ପ୍ରତିନିଧି) । ଏହା ବ୍ୟତୀତ ସମସ୍ତ ଆନ୍ତର୍ଜାତୀୟ ଚୁକ୍ତି ତାଙ୍କ ନାମରେ ଆଲୋଚିତ ଓ ସ୍ଥିର ହୋଇଥାଏ ।

କେନ୍ଦ୍ରୀୟ ସଂସଦ ଦ୍ୱାରା ପ୍ରଣୀତ ସମସ୍ତ ଆଇନ୍ ତାଙ୍କ ଦ୍ୱାରା କାର୍ଯ୍ୟକାରୀ ହୁଏ । ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ସମସ୍ତ କର୍ମଚାରୀ (ଯେପରିକି ରାଜ୍ୟପାଳ ଓ ରାଷ୍ଟ୍ରଦୂତ) କେନ୍ଦ୍ରୀୟ ମନ୍ତ୍ରୀମଣ୍ଡଳର ପରାମର୍ଶରେ ରାଷ୍ଟ୍ରପତିଙ୍କ ଦ୍ୱାରା ବହିଷ୍କାର ବା ଫେରାଇ ଅଣାଯାଇ ପାରିବ ।

ରାଷ୍ଟ୍ରପତି ସମସ୍ତ କାର୍ଯ୍ୟ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ ଅନୁସାରେ କରିଥାଆନ୍ତି । କେନ୍ଦ୍ର ସରକାରଙ୍କ ସମସ୍ତ ନିଷ୍ପତ୍ତି ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ତାଙ୍କୁ ଅବଗତ କରାଯାଇଥାଏ । କେନ୍ଦ୍ର ମନ୍ତ୍ରୀ ମଣ୍ଡଳରେ ନିଆଯାଇଥିବା ନିଷ୍ପତ୍ତିକୁ ପୁନଃ ବିଚାର କରିବା ପାଇଁ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀଙ୍କୁ ଗୋଟିଏ ଥର ଅନୁରୋଧ କରିପାରିବେ । କୌଣସି ମନ୍ତ୍ରୀଙ୍କ ଦ୍ୱାରା ପ୍ରଦତ୍ତ ନିଷ୍ପତ୍ତିକୁ ରାଷ୍ଟ୍ରପତି ମନ୍ତ୍ରୀମଣ୍ଡଳର ନିଷ୍ପତ୍ତି ପାଇଁ ପଠାଇ ପାରିବେ । କିନ୍ତୁ ରାଷ୍ଟ୍ରପତି ଦ୍ୱିତୀୟ ଥର ପାଇଁ ଏହା କରିପାରିବେ ନାହିଁ ।

### ୧୦.୩.୨ ବ୍ୟବସ୍ଥାପିକା କ୍ଷମତା

ରାଷ୍ଟ୍ରପତି ସଂସଦର ଏକ ଅବିଚ୍ଛିନ୍ନ ଅଙ୍ଗ ଓ ସେହି କାରଣରୁ ତାଙ୍କର ବିଭିନ୍ନ ବ୍ୟବସ୍ଥାପକ କ୍ଷମତା ରହିଛି । ସେହି କ୍ଷମତା ଗୁଡ଼ିକ ନିମ୍ନରେ ପ୍ରଦତ୍ତ ହେଲା –

ରାଷ୍ଟ୍ରପତି ସଂସଦର ଉଭୟ କକ୍ଷର ଅଧିବେସନ ବର୍ଷରେ ଅତିକମ୍‌ରେ ଦୁଇଥର ଆହ୍ୱାନ କରନ୍ତି ଓ ଏହି ଦୁଇ ଅଧିବେସନ ମଧ୍ୟରେ ଛଅମାସରୁ ଅଧିକ ପାର୍ଥକ୍ୟ ରହିବ ନାହିଁ । ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀଙ୍କ ପରାମର୍ଶରେ ଲୋକସଭାକୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଭଙ୍ଗ କରିପାରିବେ । ସାଧାରଣ ଭାବରେ ରାଷ୍ଟ୍ରପତି ରାଜ୍ୟସଭାକୁ ବାରଜଣ ସଭ୍ୟଙ୍କୁ ମନୋନୀତ କରିଥାଆନ୍ତି, ଯେଉଁମାନେ ସାହିତ୍ୟ, ବିଜ୍ଞାନ, କଳା ଓ ସମାଜରେ ଉତ୍କର୍ଷ ଲାଭ କରିଥାଆନ୍ତି । ରାଷ୍ଟ୍ରପତି ଲୋକ ସଭାକୁ ଆଂଲୋ- ଇଣ୍ଡିୟାନ ଗୋଷ୍ଠୀର ଦୁଇଜଣଙ୍କୁ ସଭ୍ୟଭାବରେ ମନୋନୀତ କରିପାରିବେ, ଯଦି ସେ ଅନୁଭବ କରନ୍ତି ଯେ ସେହି ଗୋଷ୍ଠୀର ପ୍ରତିନିଧିତ୍ୱ ଆବଶ୍ୟକ ପରିମାଣଠାରୁ କମ୍ ହୋଇଛି । ଯଦି କୌଣସି ଆଇନ୍ ଚିଠା ବା ଅଣ ଅର୍ଥଚିଠା ଉପରେ ରାଜ୍ୟସଭା ଓ ଲୋକସଭା ମଧ୍ୟରେ ମତ ପାର୍ଥକ୍ୟ ସୃଷ୍ଟି ହୁଏ ତେବେ ରାଷ୍ଟ୍ରପତି ଉଭୟ କକ୍ଷର ମିଳିତ ଅଧିବେସନ ଆହ୍ୱାନ କରିପାରିବେ । ବର୍ତ୍ତମାନ ପର୍ଯ୍ୟନ୍ତ ତିନିଥର ଏପରି ଅଧିବେସନ ଆହ୍ୱାନ ହୋଇଛି (ଅଧ୍ୟାୟ ୧୧ ଦେଖ) । ରାଷ୍ଟପତିଙ୍କର ସଂସଦକୁ ସମ୍ବୋଧିତ କରିବାର ବା ବାର୍ତ୍ତା ପଠାଇବାର କ୍ଷମତା ରହିଛି । ସାଧାରଣ ନିର୍ବାଚନ ପରେ ଓ ପ୍ରତ୍ୟେକ ବର୍ଷର ପ୍ରଥମ ଅଧିବେସନରେ ରାଷ୍ଟ୍ରପତି ଉଭୟକକ୍ଷର ମିଳିତ ଅଧିବେସନକୁ ସମ୍ବୋଧିତ କରନ୍ତି । ଏହି ସମ୍ବୋଧନ ତତ୍‌କାଳୀନ ସରକାରଙ୍କ ନୀତି ସମ୍ବନ୍ଧିତ ହୋଇଥାଏ । ସଂସଦ ଦ୍ୱାରା ଅନୁମୋଦିତ ସମସ୍ତ ଚିଠା ବା ବିଲ୍ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇଁ ପଠାଯାଏ । ରାଷ୍ଟ୍ରପତି ସେହି ଚିଠାକୁ ସ୍ୱୀକୃତି ଦେଇପାରନ୍ତି ବା ସଂସଦକୁ ପୁନଃ

ବିଚାର କରିବା ପାଇଁ ପଠାଇ ଦେଇ ପାରିବେ । ଯଦି ଏହା ପୁନର୍ବାର ସଂସଦରେ ଗୃହୀତ ହୁଏ ତେବେ ରାଷ୍ଟ୍ରପତି ସ୍ୱୀକୃତି ଦେବାକୁ ବାଧ୍ୟ । ତାଙ୍କ ସ୍ୱିକୃତି ବିନା କୌଣସି ଚିଠା ଆଇନ୍‌ରେ ପରିଣତ ହୋଇପାରିବ ନାହିଁ । ରାଷ୍ଟ୍ରପତି ସଂସଦର ଅଧିବେସନ ବସି ନ ଥିବାବେଳେ ଅଧାଦେଶ ଜାରି କରିପାରିବେ । ଏହି ଅଧାଦେଶ ଠିକ୍ ଆଇନ୍‌ପରି କାର୍ଯ୍ୟକାରୀ ହୋଇଥାଏ । କିନ୍ତୁ ସେହି ଅଧାଦେଶ ସଂସଦର ପରବର୍ତ୍ତୀ ଅଧିବେସନ ଆରମ୍ଭ ହେବାପରେ ଉଭୟ ଗୃହରେ ଆଗତ କରାଯାଏ । ଯଦି ଏହି ଅଧାଦେଶ ସଂସଦଦ୍ୱାରା ନାକଚ୍ ହୁଏ ନାହିଁ ବା ରାଷ୍ଟ୍ରପତି ଏହାକୁ ଫେରସ୍ତ କରନ୍ତି ନାହିଁ ତେବେ ଏହା ଅଧିବେସନ ବସିବାର ଛଅ ସପ୍ତାହ ପରେ ଆପେ ଆପେ ଅକାମି ହୋଇଯାଏ । ପ୍ରାୟତଃ ସେହି ଅଧାଦେଶ ବଦଳରେ ଏକ ଆଇନ୍ ପ୍ରଣୟନ କରିବା ପାଇଁ ସରକାର ଉଦ୍ୟମ କରିଥାଆନ୍ତି ।

## ୧୦.୩.୩ ଆର୍ଥିକ କ୍ଷମତା

ସମସ୍ତ ଅର୍ଥଚିଠା ବା ବିଲ୍ ଲୋକସଭାରେ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପରେ ଆଗତ ହୋଇଥାଏ । ଭାରତର ଆକସ୍ମିକ ପାଣ୍ଠି ରାଷ୍ଟ୍ରପତିଙ୍କ ଅଧୀନରେ ଥାଏ । ଏହା ରାଷ୍ଟ୍ରପତିଙ୍କ ପାଇଁ ଅଦୃଷ୍ଟପୂର୍ବ ଖର୍ଚ୍ଚର ଅଗ୍ରୀମ ଭରଣା କରିବା ପାଇଁ ଉଦ୍ଦିଷ୍ଟ । ବାର୍ଷିକ ଆର୍ଥିକ ବିବରଣୀ ବା ବଜେଟ୍ ଓ ରେଳବାଇ ବଜେଟ୍ ଲୋକସଭାରେ ରାଷ୍ଟ୍ରପତିଙ୍କ ଅନୁମୋଦନରେ ଆଗତ କରାଯାଏ । ଯଦି ସରକାର ଆର୍ଥିକ ବର୍ଷର ମଧ୍ୟଭାଗରେ ଅନୁଭବ କରନ୍ତି ଯେ ବଜେଟ୍‌ରେ ନିର୍ଦ୍ଧାରୀତ ବ୍ୟୟଠାରୁ ଅଧିକ ଅର୍ଥର ଆବଶ୍ୟକତା ରହିଛି ତେବେ ଅତିରିକ୍ତ ବଜେଟ୍ ମାଧ୍ୟମରେ ତାହା ମାଗିପାରିବେ । ଅର୍ଥବିଲ୍‌କୁ ରାଷ୍ଟ୍ରପତି କେବେବି ପୁନଃ ବିଚାରପାଇଁ ଫେରସ୍ତ କରିପାରିବେ ନାହିଁ । ରାଷ୍ଟ୍ରପତି ପ୍ରତି ପାଞ୍ଚବର୍ଷରେ ଅର୍ଥ ଆୟୋଗକୁ ନିଯୁକ୍ତ କରିଥାଆନ୍ତି । ଅର୍ଥ ଆୟୋଗ ରାଷ୍ଟ୍ରପତିଙ୍କୁ କେତେକ ନିର୍ଦ୍ଦିଷ୍ଟ ଆର୍ଥିକ ବିଷୟ ଉପରେ, ମୁଖ୍ୟତଃ କେନ୍ଦ୍ର ଓ ରାଜ୍ୟମଧ୍ୟରେ କେନ୍ଦ୍ରୀୟ ଟିକସର ବଣ୍ଟନ ଉପରେ ମତାମତ ଦେଇଥାଏ । ରାଷ୍ଟ୍ରପତି ମହାହିସାବ ରକ୍ଷକ ଓ ମହାସମୀକ୍ଷକଙ୍କ ଠାରୁ ବାର୍ଷିକ ବିବରଣୀ ଗ୍ରହଣ କରନ୍ତି ଓ ଏହାକୁ ସଂସଦରେ ଉପସ୍ଥାପନ କରିଥାଆନ୍ତି ।

**ଭାରତର ଆକସ୍ମିକ ପାଣ୍ଠି :-** କେନ୍ଦ୍ର ସରକାର ଏହି ପାଣ୍ଠିକୁ ହଠାତ୍ କୌଣସି ଅଦୃଷ୍ଟ ଆବଶ୍ୟକତା ପାଇଁ ରଖିଥାଆନ୍ତି । ଏହି ପାଣ୍ଠି ଉପରେ ରାଷ୍ଟ୍ରପତିଙ୍କର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଥାଏ । କେବଳ ରାଷ୍ଟ୍ରପତି ଏହି ପାଣ୍ଠିରୁ ଖର୍ଚ୍ଚ କରିବା ପାଇଁ ଅନୁମତି ଦେଇପାରିବେ ।

## ୧୦.୩.୪ ବିଚାରଗତ କ୍ଷମତା

ଆମେ ଜାଣିଲେ ଯେ ରାଷ୍ଟ୍ରପତି ଉଚ୍ଚତମ ନ୍ୟାୟାଳୟର ମୁଖ୍ୟ ବିଚାରପତି ଓ ଅନ୍ୟ ବିଚାରପତି ମାନଙ୍କୁ ନିଯୁକ୍ତି ଦିଅନ୍ତି । ରାଷ୍ଟ୍ରପତି ମଧ୍ୟ ଉଚ୍ଚନ୍ୟାୟାଳୟମାନଙ୍କ ମୁଖ୍ୟ ବିଚାରପତି ଓ ଅନ୍ୟ ବିଚାରପତିମାନଙ୍କୁ ନିଯୁକ୍ତି ଦିଅନ୍ତି ।

ରାଷ୍ଟ୍ରପତି ରାଷ୍ଟ୍ରମୁଖ୍ୟ ହିସାବରେ କୌଣସି ଦୋଷୀଙ୍କୁ କ୍ଷମା ପ୍ରଦାନ କରିପାରିବେ ବା ତାର ଦଣ୍ଡ ପରିମାଣକୁ କମ୍ କରିପାରିବେ ବା ତାର ଦଣ୍ଡକୁ ସ୍ଥଗିତ ରଖିପାରିବେ । ସେହିପରି ଉଚ୍ଚତମ ନ୍ୟାୟାଳୟ ବା ଉଚ୍ଚନ୍ୟାୟାଳୟ ଦ୍ୱାରା କେନ୍ଦ୍ରୀୟ ଆଇନ୍ ବିରୁଦ୍ଧରେ ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିର ଦଣ୍ଡକୁ କୋହଳ ବା ହ୍ରାସ କରିପାରିବେ । ରାଷ୍ଟ୍ରପତି ସାମରିକ ଅଦାଲତରେ ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିଙ୍କୁ ମଧ୍ୟ କ୍ଷମା ପ୍ରଦାନ କରିପାରିବେ । ତାଙ୍କର ଏହି କ୍ଷମା ଦେବାର କ୍ଷମତା ମୃତ୍ୟୁଦଣ୍ଡରେ ଦଣ୍ଡିତ ବ୍ୟକ୍ତି ପାଇଁ ମଧ୍ୟ ପ୍ରଯୁଜ୍ୟ । କିନ୍ତୁ ରାଷ୍ଟ୍ରପତି ଏହି କ୍ଷମତା ଆଇନ୍‌ମନ୍ତ୍ରୀଙ୍କ ପରାମର୍ଶରେ କରିଥାଆନ୍ତି । ରାଷ୍ଟ୍ରପତିଙ୍କର କେତେକ ସ୍ୱାଧୀନତା ବା ଛାଡ଼ ରହିଛି । ସିଏ ଆଇନ୍‌ଠାରୁ ଉର୍ଦ୍ଧ୍ୱରେ ଏବଂ ତାଙ୍କ ବିରୁଦ୍ଧରେ କୌଣସି ଫୌଜଦାରୀ ଅଭିଯୋଗ କରାଯାଇ ପାରିବ ନାହିଁ । (ଅଧ୍ୟାୟ ୧୦.୨.୧କୁ ଦେଖ)